# Akashvani, Sambalpur

## SAMBALPURI NEWS MORNING BULLETIN

## 15 June 2026 - 6.47- 6.52 am.

---

ସୋମ୍‌ନାଥ୍ ସ୍ୱାଭିମାନ୍ ଯାତ୍ରା        ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ୍ ତର୍‌ଫୁ ସୋମ୍‌ନାଥ୍ ସ୍ୱାଭିମାନ୍ ଯାତ୍ରା -୨୦୨୬ ଆୟୋଜିତ୍ ହେଉଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇତାର୍ ଶୁଭାରମ୍ଭ କର୍‌ବେ । ଆଏଜ୍ ସଖାଲର୍ ୧୧ ବଜେ ଭୁବ୍‌ନେଶ୍ୱର୍ ରେଲ୍‌ଷ୍ଟେସନ୍ ମାଷ୍ଟର୍ କେଂଟିନ୍ ଠାନେ ପତାକା ପ୍ରଦର୍ଶନ୍ କାର୍ଯ୍ୟକ୍ରମ୍ ହେବା । ଓଡ଼ିଶାନୁ ହଜାରେନୁ ଅଏତ୍‌କା ତୀର୍ଥଯାତ୍ରୀ ଖାସ୍ ଟ୍ରେନ୍‌ଥି ଗୁଜୁରାତ୍‌ର ସୋମ୍‌ନାଥ୍ ଜ୍ୟୋର୍ତିଲିଙ୍ଗ ଦର୍ଶନ୍ କର୍‌ବାର୍ ଲାଗି ଯାତ୍ରା କର୍‌ବେ ।

ଯୋଗ-ଗିନିଜ୍ ୱାର୍ଲ୍ଡ ରେକର୍ଡ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଆୟୁଷ୍ ମନ୍ତ୍ରଣାଳୟ ତର୍ଫୁ ହେଇଥିବା ବିଶ୍ୱସ୍ତରୀୟ ଅନ୍‌ଲାଇନ୍ ଯୋଗ କାର୍ଯ୍ୟକ୍ରମ୍ ଗିନିଜ୍ ୱ୍ୱାର୍ଲ୍ଡ ରେକର୍ଡ଼୍‌ଥି ଠାନ୍ ପାଇଚେ । ୟୁଟ୍ୟୁବ୍ ଚେନାଲ୍ ଲାଇଭ୍ ଷ୍ଟ୍ରିମିଂଥି ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ଶହେ ୩୦ ନୁ ଅଏତ୍‌କା ଦେଶ୍ ଭାଗ ନେଇଥିଲେ । ମନ୍ତ୍ରଣାଳୟ ତର୍ଫୁ ମିଲିଥିବା ସୂଚନା ଅନ୍‌ସାରେ ଅଧିବେଶନ୍‌ଥି ୪ ଲାଖ୍ ୩୫ ହଜାର୍‌ନୁ ଅଏତ୍‌କା ଦର୍ଶକ୍ ଇତାକେ ଦେଖିଛନ୍ । ୨୦୨୪ ଥି ହେଇଥିବା ରେକର୍ଡ଼୍ ସଂଖ୍ୟକ୍ ୨ ଲାଖ୍ ୪୬ ହଜାର୍ ଦର୍ଶକଙ୍କର୍ ସଂଖ୍ୟାକେ ଭିଲ୍ ଇଥର ପାର୍ କରିଥିବା ମନ୍ତ୍ରଣାଳୟ କହିଛେ । ଇ ସଫଲତା ଲାଗି କେନ୍ଦ୍ର ଆୟୁଷ୍ ମନ୍ତ୍ରୀ ପ୍ରତାପ୍ ରାଓ ଯାଧବ୍ ପୁର୍‌ଥିର୍ ଭାଗ୍ ନେଇଥିବା ଦେଶର୍ ନାଗରିକ୍‌ମାନ୍‌କୁ ଅଭିନନ୍ଦନ୍ ଜନେଇଛନ୍ ।

ଏସ୍‌ଆଇଆର ଆଇ.ଆଣ୍ଡ୍.ପି.ଆର୍

ଭୋଟର୍ ତାଲିକାକେ ନିର୍ଭୁଲ୍ ଆଉ ସ୍ୱଚ୍ଛ କର୍‌ବାର୍ ଲାଗି ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍ ଅଭିଯାନ୍ ରେକର୍ଡ଼୍ ସଂଖ୍ୟକ୍ ୯୮ ଦଶ୍‌ମିକ୍ ୯/୫ ପ୍ରତିଶତ୍‌ଥି ପୁହୁଁଚିଛେ । ସେନ୍ତା ଏବ୍‌ତକ୍ ରାଜ୍ୟର୍ ୧ କୋଟି ୧୫ ଲାଖ୍ ୩୬ ହଜାର୍ ୫ ଶହ

୩୭ ୫ନ୍‌କର୍ ଡିଜିଟାଇଜେସନ୍ କରାଯାଇଛେ । ନିର୍ବାଚନ କମିଶନ୍‌ଙ୍କର୍ ନିର୍ଦ୍ଦେଶ୍‌ଥି ରାଏଜେ ଭୋଟର୍ ତାଲିକାକେ ଅଏତ୍‌କା ସ୍ୱଚ୍ଛ, ସଠିକ୍ ଆଉ ବ୍ୟବସ୍ଥିତ୍ କର୍‌ବାର୍ ଲାଗି ବ୍ୟାପକ୍ ସ୍ତର୍‌ଥି ପରିଗଣନା ଫର୍ମ ବାଂଟ୍‌ବାର୍, ସଂଗ୍ରହ କର୍‌ବାର୍ ଆଉ ତାର୍ ଡିଜିଟାଇଜେସନ୍ କାମ୍ ଯୁଦ୍ଧକାଲୀନ୍ ଭିତିଥି ଚାଲିଛେ । ଇ ସଂଶୋଧନ୍ ପ୍ରକ୍ରିୟାଥି ଫର୍ମ ବଂଟନ୍ ଆଉ ଦାଖଲ୍ ସମିଆ ଜୁନ୍ ୨୮ ତାରିଖ୍ ରହିଛେ । ଇଥିର୍‌ଲାଗି ସବୁ ଯୋଗ୍ୟ ହିତାଧିକାରୀମାନ୍‌କୁ ନିଜର୍ ପରିଗଣନା ଫର୍ମ ଜଲ୍‌ଦି ଦାଖଲ୍ କର୍‌ବାର୍‌କେ କୁହାଯାଇଛେ ।

ନିଟ୍- ଏଡ୍‌ମିଟ୍‌କାର୍ଡ଼      ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୧ ତାରିଖ୍ ହେବାର୍‌କେ ଥିବା ନିଟ୍ ୟୁଜି - ୨୦୨୬ର ପୁନଃ ପରୀକ୍ଷା ଲାଗି ଏଡ଼ମିଟ୍‌କାର୍ଡ଼ ବାହାରିଛେ । ଜାତୀୟ ପରୀକ୍ଷଣ୍ ସଂସ୍ଥା- ଏନ୍‌ଟିଏ ତର୍‌ଫୁ ଏଡ଼ମିଟ୍‌କାର୍ଡ଼ ପ୍ରକାଶ୍ କରାଯାଇଛେ । ଛାତ୍ରଛାତ୍ରୀମାନେ ଏନ୍‌ଟିଏର ୱେବ୍‌ସାଇଟ୍ neet.nta.nic.in ନୁ ନିଜର୍ ଏଡ଼ମିଟ୍‌କାର୍ଡ଼ ଡାଉନ୍‌ଲୋଡ୍

କରିପାର୍‌ବେ । ଇ ପରୀକ୍ଷା ଆଏବା ୨୧ ତାରିଖ୍ ଦୁଇପହରର୍ ୨ ବଜେନୁ ମୁଲ୍ ହେଇକରି ବେଲ୍‌ବୁଡ଼ର୍ ୫ ବାଜିକରି ୧୫ ମିନିଟ୍‌ତକ୍ ଚାଲ୍‌ବା । ସେଆଡ଼େ ଇଥିର୍‌ଲାଗି ପରୀକ୍ଷାର୍ଥୀମାନ୍‌କୁ ମାହାଲିଆ ବସ୍ ସେବା ଯୁଗେଇ ଦେବାର୍‌କେ ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ । ଓଡ଼ିଶା ରାଜ୍ୟ ସଡ଼କ୍ ପରିବହନ୍ ନିଗମ୍ ବସ୍ ମାନ୍‌କେ ପରୀକ୍ଷାର୍ଥୀମାନ୍‌କୁ ଇ ବସ୍ ସେବା ଯୁଗେଇ ଦିଆଯିବା ବଲି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ଇ ବାବ୍‌ଦେ ଜିଲ୍ଲାପାଲ୍‌ମାନ୍‌କୁ ପରୀକ୍ଷାର୍ଥୀ ମାନ୍‌କର୍ ସବୁ ତଥ୍ୟ ଦେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଥିବାର୍ ସୂଚ୍‌ନା ଦେଇଛନ୍ ।
(ଭଏସ୍ ଓଭର୍- ପରିବହନ୍ ମନ୍ତ୍ରୀ)

ରଜ ସଂକ୍ରାନ୍ତି ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ରଜ ସଂକ୍ରାନ୍ତି । ଇଥିର ଲାଗି ଗାଁ ନୁ ସହରତକ୍ ଉସ୍‌ନାକି ଦେଖ୍‌ବାର୍‌କେ ମିଲୁଛେ । ଘରେ ଘରେ ପିଠାପନା ତିଆରି ସାଙ୍ଗେ ଟୁକେଲ୍ ଛୁଆମାନେ ରଜଦୁଲି ଖେଲୁଛନ୍ । ଆଏବାକାଏଲ୍ ଭୂମିଦହନ ହେବା । ରଜ ପର୍ବ ସମିଆଥି ୩ ଦିନ ଯାକ ଜମିକେ

ଜୁତା କୁଡ଼ା ନାଇଁ କରନ୍ । ଓଡ଼ିଶାର୍ ଗଣପର୍ବ ରଜ ପଶ୍ଚିମ ଓଡ଼ିଶାର୍ ଲୋକ୍‌ମାନ୍‌କୁ ଭିଲ୍ ଆକର୍ଷିତ କରୁଛେ ।

ନନ୍ଦପଡ଼ା- ପତର୍‌ପେଁଡ଼ି        ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଅବ୍‌ସରେ ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କର୍ ବିହାଥି ଯୋଗ୍ ଦେବାର୍ ଲାଗି ନର୍‌ସିଂହ ମାହାପୁରୁ ସହରର୍ ଦେ'ଦେବ୍‌ତାମାନଙ୍କୁ  ଆଏଜ୍ ନିଉତା ଦେବେ । ଇତାର୍ ଆଗୋନୁ ଗଲାକାଏଲ୍ ଦେବଦମ୍ପତିଙ୍କର୍ ବିହା ଲାଗି ପତର୍‌ପେଁଡ଼ି ନୀତି  ହେଇଯାଇଛେ । ଆଏବାକାଏଲ୍ ଝାଡୁଆପଡ଼ାର୍ ଶ୍ରୀ ଲୋକ୍‌ନାଥ୍ ବାବା ଆର୍ ମୁଦିପଡ଼ାର୍ ଶ୍ରୀ ଜାଗେଶ୍ୱର୍ ବାବାଙ୍କର୍ ସହେତେ ଅଲ୍‌ଗା ଶୀତଲ୍‌ଷଷ୍ଠୀ ଯାତ୍ରା କମିଟି ତର୍‌ଫୁ ପତର୍‌ପେଁଡ଼ି ନୀତି ହେବା ।

ମିଡ଼ିଆ କନେକ୍ଟ କାର୍ଯ୍ୟକ୍ରମ୍          ଝାର୍‌ସୁଗୁଡ଼ା ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ୨ ବଛର୍ ପୁର୍ତି ଅବ୍‌ସରେ ଝାର୍‌ସୁଗୁଡ଼ା ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ମିଡ଼ିଆ କନେକ୍ଟ

କାର୍ଯ୍ୟକ୍ରମ୍ ହେଇଯାଇଛେ । ବିକଶିତ୍ ଓଡ଼ିଶା, ବିକଶିତ୍ ଭାରତ୍-୨୦୩୬ ବାବ୍‌ଦେ ବୁଦ୍ଧିଜୀବୀ ଆଉ ଗଣମାଧ୍ୟମ୍ ପ୍ରତିନିଧି ମାନେ ଇ ଅବ୍‌ସରେ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନେତୃତ୍ୱେ ୨୦୩୬ ମସିହାତକ୍ ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି କୃଷି, ଶିକ୍ଷା ଆଉ ମାନବ୍ ସମ୍ବଲ୍ ବିକାଶ୍ ଉପ୍‌ରେ ବକ୍ତା ମାନେ ଜୋର୍‌ଦେଇଥିଲେ ।

ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍ମିଂହମ୍ ଠାନେ ଚାଲିଥିବା ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଭାରତ୍ ପହେଲା ମେଚ୍‌ରେ ପାକିସ୍ତାନ୍‌କେ ହରେଇଛେ । ଗ୍ରୁପ୍ -ଓ୍ୱାନ୍‌ର ଇ ମେଚ୍‌ରେ ଭାରତୀୟ ଦଲ୍ ୬୪ ରନ୍‌ରେ ଜିତ୍‌ବାର୍ ସହେତେ ୨ ପଏଂଟ୍ ହାସଲ୍ କରିଛେ । ଭାରତ୍ ପହେଲା ବେଟିଂ କରିକରି ୬ ଓ୍ୱିକେଟ୍‌ରେ ଶହେ ୭୦ ରନ୍ କରିଥିଲା । ଜବାବ୍‌ରେ ପାକିସ୍ତାନ୍ ୧୭ ଓଭର୍‌ରେ ଶହେ ୬ ରନ୍ କରିକରି ଅଲ୍‌ଆଉଟ୍ ହେଇଯାଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟର୍ ସମୁଦ୍ରଖଁଡ଼ି ଇଲାକା ନ ପୁହୁଁଚିଛେ । ଆଏବା ୨ ଦିନ୍ ଭିତ୍ରେ ମୌସୁମୀ ରାଜ୍ୟର୍ ଅଲ୍ଗା ଜାଗା ମାନ୍କେ ପୁହୁଁଚିବାର୍ ସମ୍ଭାବନା ଅଛେ । ଆଏବା ୨୦ ତାରିଖ୍ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହାଲ୍କାନୁ ମଧ୍ୟମ୍ ଧରଣ୍ର ବର୍ଷାର୍ ସମ୍ଭାବନା ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ରାଜ୍ୟର୍ କେତେଟା ଜାଗା ନ କାଲ୍ବୈଶାଖୀର୍ ବଲେ ଚଡ଼କ୍ ମାରିକରି ବର୍ଷା ହେବାର୍ ସମ୍ଭାବନା ଅଛେ ।